ଧରିତ୍ରୀ
DHARITRI
June 21-27, 2020 ₹ 2/-

# ଛୁଟିଦିନ



# ମନ୍ଦିର ବେଢାରେ ରଥଯାତ୍ରା

୩
ପ୍ରଚ୍ଛଦ ପ୍ରସଙ୍ଗ

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା, ପତିତପାବନ ଯାତ୍ରା ଭାବେ ବିଶ୍ୱପ୍ରସିଦ୍ଧ। ଭାଇ-ଭଉଣୀଙ୍କୁ ସାଥିରେ ଧରି ବଡ଼ଦାଣ୍ଡକୁ ଚାଲି ଆସନ୍ତି କାଳିଆ ସାଆନ୍ତ। ରଥରେ ଚଢି ଯାଆନ୍ତି ଗୁଣ୍ଡିଚା ମନ୍ଦିର। ନବଦିନାତ୍ମକ ଯାତ୍ରା ସାରି ଫେରି ଆସନ୍ତି ରତ୍ନ ସିଂହାସନକୁ। କିନ୍ତୁ ଇତିହାସ କୁହେ ରଥଯାତ୍ରା ହୋଇଥିଲା, ସେଠାରେ ନ ଥିଲେ ଭକ୍ତ। ଆଉ ବଡ଼ଦାଣ୍ଡରେ ନୁହେଁ ମନ୍ଦିର ଭିତରେ ସମାହିତ ହୋଇଥିଲା ଏହି ଯାତ୍ରା...



ସିନେମା
୭



# ଆଇସ୍‌କ୍ରିମ୍ ଟ୍ୟୁଲିପ୍



ବସନ୍ତ ଆସିଲେ ପ୍ରକୃତିରାଣୀ ହସେ। ଚାରିଆଡ଼େ ଫୁଲର ପସରା ମେଲିଯାଏ। ଧରା ହୋଇଯାଏ ରଙ୍ଗିନ। ତେବେ ଏକ ସ୍ୱତନ୍ତ୍ର ଫୁଲ ଟ୍ୟୁଲିପ୍ ଏହି ଋତୁରେ ଧରାକୁ ଅଧିକ ରଙ୍ଗିନ କରିଥାଏ। ଆମେରିକା, କାନାଡା, ନେଦରଲାଣ୍ଡ, ନ୍ୟୁଜିଲାଣ୍ଡ, ଅଷ୍ଟ୍ରେଲିଆ, ଇଂଲଣ୍ଡ ଆଦିରେ ଟ୍ୟୁଲିପ୍ ଫେଷ୍ଟିଭାଲ ବି ହୋଇଥାଏ। ଏହି ଟ୍ୟୁଲିପ୍ ବିଭିନ୍ନ ପ୍ରକାରର ରହିଛି। ତନ୍ମଧ୍ୟରୁ ଆଇସ୍‌କ୍ରିମ୍ ଟ୍ୟୁଲିପ୍ ଅଧିକ ଆକର୍ଷକ। ଏହା ଦେଖିବାକୁ କୋନ୍ ଆଇସ୍‌କ୍ରିମ୍ ପରି ହୋଇଥାଏ। ଆଉ ଦେଖିବାକୁ ବହୁତ ସୁନ୍ଦର। ଲାଗେ ସତେ ଯେମିତି ଅନେକ ଆଇସ୍‌କ୍ରିମ ଧାଡ଼ି ଧାଡ଼ି କରି ରଖାଯାଇଛି।



# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଜୁନ୍ ୨୧-୨୭

**ମେଷ**
ନିୟନ୍ତ୍ରଣାଧୀନ ସ୍ୱାସ୍ଥ୍ୟ, ସଭାସମିତିକୁ ଆହ୍ୱାନ, ପାରିବାରିକ ଶାନ୍ତି, ଯାନବାହନରେ କ୍ଷତି, ରାଜନୀତିରେ ପ୍ରତିଦ୍ୱନ୍ଦ୍ୱିତା। ମାଲିମକଦ୍ଦମାରେ ବିଜୟ, ସହକର୍ମୀଙ୍କ ଦୌରାତ୍ମ୍ୟ, ସମ୍ପର୍କୀୟଙ୍କ ମିତ୍ରତା, ଯୋଗଶିକ୍ଷାରେ ରୁଚି।

**ବୃଷ**
ଦୂରଦର୍ଶିତାର ସୁଫଳ, ଆର୍ଥିକ ସ୍ଥିତିର ଅବନତି, ମାଙ୍ଗଳିକ କାମର ପ୍ରସ୍ତୁତି, ଆମଦାନୀ ବାଣିଜ୍ୟରେ ପ୍ରତିବନ୍ଧକ, ଅଦାଲତରେ ବିଜୟ, ପ୍ରତିଯୋଗିତାରେ ସଫଳତା, ଦୁଃସାହସିକ ପଦକ୍ଷେପ।

**ମିଥୁନ**
ଦୈହିକ ଦୁର୍ବଳତା, ସମସ୍ୟା ସମାଧାନ, ଆର୍ଥିକ ସାହାଯ୍ୟ, କାର୍ଯ୍ୟବ୍ୟସ୍ତତା, ଅଶାନ୍ତ ପରିବେଶ, ସଚେତନତାର ବାର୍ତ୍ତା, ପରିବହନରୁ କ୍ଷତି, ପାରିବାରିକ ସମସ୍ୟା, ରୋଗରୁ ଉପଶମ।

**କର୍କଟ**
ସ୍ଥଗିତ କାର୍ଯ୍ୟାରମ୍ଭ, ପାରିବାରିକ ଅଶାନ୍ତି, ଭ୍ରାତୃ କଳହ, ପରିବାରରେ ମତାନ୍ତର, ପରିସ୍ଥିତିରେ ସାମ୍ୟତା, ଯାନବାହନ ମରାମତି, ନିର୍ମାଣରେ ଅଗ୍ରଗତି, ସଭାସମିତିକୁ ନିମନ୍ତ୍ରଣ, ମାଙ୍ଗଳିକ କାର୍ଯ୍ୟରେ ବାଧା।

**ସିଂହ**
ଉଚ୍ଚ ସମ୍ମାନ ଲାଭ, ପଡୋଶୀଙ୍କ ସହାୟତା, ଋଣଗ୍ରସ୍ତ ହେବେ, କର୍ମକ୍ଷେତ୍ରରେ ବିତର୍କ, ଉପରିସ୍ଥଙ୍କ ଚାପ, ମକଦ୍ଦମାରେ ବିଜୟ, ପ୍ରଶାସନିକ ତତ୍ପରତା, ପୂର୍ବ ଶତ୍ରୁତାରୁ କଳହ, ବେହିସାବ ଖର୍ଚ୍ଚ।

**କନ୍ୟା**
ମାନସିକ ଦ୍ୱନ୍ଦ୍ୱ, ନିଷ୍ପତ୍ତିର ପରିବର୍ତ୍ତନ, ପାରିବାରିକ ସହମତି, ଖଳ ଲୋକଙ୍କ ଅପପ୍ରଚାର, ଯାନ୍ତ୍ରିକତ୍ରୁଟି, ଯାତ୍ରାରେ ବିଳମ୍ବ, ସାଂଗଠନିକ ନେତୃତ୍ୱ, ବସ୍ତ୍ରାଳଙ୍କାର ପ୍ରାପ୍ତି।

**ତୁଳା**
କାର୍ଯ୍ୟହାନି, ମନସ୍ତାପ, କୈଫିୟତ ତଲବ, ଆରକ୍ଷୀ ସହାୟତା, ସ୍ୱାସ୍ଥ୍ୟରେ ଉନ୍ନତି, ଗୁରୁଜନଙ୍କ ଆଶ୍ୱାସନା, କର୍ମକ୍ଷେତ୍ରରେ ପ୍ରଶଂସା, ସହକର୍ମୀଙ୍କ ସାହାଯ୍ୟ, ଯାନବାହନ ମରାମତି, ପାରିବାରିକ ଶାନ୍ତି, ଯାତ୍ରା ବାଧାପ୍ରାପ୍ତ।

**ବିଛା**
କାର୍ଯ୍ୟସିଦ୍ଧି, ମନୋବାଞ୍ଛା ପୂରଣ, ମାନସିକ ଶାନ୍ତି, ଦୁର୍ଭାବନା ଦୂରେଇବ, ପ୍ରଶାସନିକ ସହାୟତା, ରାଜନୀତିରେ ଟଣାଓଟରା, ଆକସ୍ମିକ ଦୂରଯାତ୍ରା, ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ, ଆତ୍ମୀୟଙ୍କ ଆଦର, କଳାରେ ଉତ୍କର୍ଷତା, ବନ୍ଧୁଙ୍କ ଉଦାରତା।

**ଧନୁ**
ମାନବିକତାର ପ୍ରଶଂସା, ଖର୍ଚ୍ଚ ପରିମାଣ ବୃଦ୍ଧି, ବନ୍ଧୁଙ୍କ ସ୍ୱାସ୍ଥ୍ୟହାନି, ମାନସିକ ଅସ୍ଥିରତା, ବନ୍ଧୁଙ୍କ ଭୁଲ୍ ବୁଝାମଣା, ବିଚାର ବିଗିଡିବ, ଶତ୍ରୁକୃତ ସମସ୍ୟା, ବୃତ୍ତି ବାଣିଜ୍ୟରେ ସମସ୍ୟା, ପ୍ରତିବନ୍ଧକ ହଟିବ, ଦ୍ୱନ୍ଦ୍ୱର ଅବସାନ, ମନୋରଞ୍ଜନର ମଉକା।

**ମକର**
ବିଶ୍ୱାସରୁ ବିପଦ, ଭୁଲ୍ ପଦକ୍ଷେପ, ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତା, ଶୁଭଖବର, ରୁଗ୍‌ଣ ସ୍ୱାସ୍ଥ୍ୟରେ ଉନ୍ନତି, ଅବସ୍ଥାର ପରିବର୍ତ୍ତନ, ସାମୟିକ ଆଶ୍ୱସ୍ତି, ସୁସମ୍ପର୍କରେ ତିକ୍ତତା, ଆର୍ଥିକ ଅନଟନ, ବିପଦପୂର୍ଣ୍ଣ ପରିସ୍ଥିତି, ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ।

**କୁମ୍ଭ**
ଶୃଙ୍ଖଳିତ କର୍ମକ୍ଷେତ୍ର, ଉପରିସ୍ଥଙ୍କ ପ୍ରଶଂସା, ପାରିବାରିକ ଶାନ୍ତି, ପଡୋଶୀଙ୍କ ଈର୍ଷା, ସମ୍ପର୍କ ଦୃଢୀଭୂତ ହେବ। ଶତ୍ରୁତାରୁ ଅପଦସ୍ଥ, କଳହକୁ ନିମନ୍ତ୍ରଣ, ରାଜନୈତିକ ପୃଷ୍ଠପୋଷକତା, ଗୁପ୍ତ ଶତ୍ରୁତା, ଅନ୍ୟମନସ୍କତାରୁ ଧନହାନି, ଆଣ୍ଠୁଗଣ୍ଠିପୀଡା।

**ମୀନ**
ବିବାଦୀୟ କର୍ମକ୍ଷେତ୍ର, ଶତ୍ରୁତାର ସମାଧାନ, ଅର୍ଥନୈତିକ ଅଭିବୃଦ୍ଧି, ଧର୍ମକାର୍ଯ୍ୟରେ ଦ୍ୱନ୍ଦ୍ୱ, ଶାରୀରିକ ଅସୁସ୍ଥତା। ନୂତନ ବନ୍ଧୁତ୍ୱ, ଅଯାଚିତ ସହାୟତା, ପାରିବାରିକ ସମସ୍ୟା, ଅଧ୍ୟାପନାରେ ରୁଚି, ବିଦେଶଯାତ୍ରା।

# ଧନୀ ପେଣ୍ଟର୍ ମୂଷା



ସୋସିଆଲ୍ ମିଡିଆରେ କିଛି ପ୍ରାଣୀ ଚିତ୍ର କରୁଥିବା ଦେଖିଥିବେ। ଆଉ ଚକିତ ବି ହୋଇଥିବେ। ଆମେ ଏଠାରେ ଯେଉଁ ଚିତ୍ରକର କଥା କହୁଛୁ ସେ ହେଉଛି ଏକ ଛୋଟିଆ ମୂଷା। ସେ ଯେ ଚିତ୍ରକର ସାଜିଛି ତାହା ନୁହେଁ, ତା'ର ପେଣ୍ଟିଂ ହଜାର ହଜାର ଟଙ୍କାରେ ବିକ୍ରି ମଧ୍ୟ ହେଉଛି। ଫଳରେ ତାକୁ ଏବେ ଏକ ଧନୀ ମୂଷା ଭାବେ ଗଣନା କରାଯାଉଛି। ମୂଷାଟି ନିଜ ଗୋଡ଼ରେ ପେଣ୍ଟିଂ କରିଥାଏ। ପୃଥିବୀର ବିଭିନ୍ନ ସ୍ଥାନରେ ତା'ର ପେଣ୍ଟିଂ ବିକ୍ରି ହୋଇଛି। ତା'ର ପେଣ୍ଟିଂକୁ ୧୦୦୦ ପାଉଣ୍ଡ ବା ପ୍ରାୟ ୯୬ ହଜାର ଟଙ୍କା ରଖାଯାଇଥାଏ। ଏହି ମୂଷାର ନାମ ହେଉଛି 'ଗସ୍'। ମୂଷାର ମାଲିକ ଯେତେବେଳେ ତା'ର ଚିତ୍ର କରିବା ପ୍ରତିଭା ସମ୍ପର୍କରେ ଅବଗତ ହେଲେ ତା' ପାଇଁ କେମିକାଲ ମିଶି ନ ଥିବା ରଙ୍ଗ ଓ କାନ୍‌ଭାସ୍ ଆଣିଦେଲେ। ତା' ପେଣ୍ଟିଂକୁ ଅଷ୍ଟ୍ରେଲିଆ ଓ ଦକ୍ଷିଣ କୋରିଆର ଗ୍ରାହକ ବି କିଣିଛନ୍ତି। ଆଉ ଗସ୍‌ର ପେଣ୍ଟିଂ କରିବା ଶୈଳୀକୁ ଦେଖିଲେ ସମସ୍ତେ ପ୍ରଭାବିତ ହୁଅନ୍ତି।

# ପାଠକୀୟ

■ ମହାଶୟ, ନମସ୍କାର। ଲକ୍‌ଡାଉନ୍‌ରେ ଛୁଟିଦିନ ମିଳୁ ନ ଥିଲା, ଏବେ ଛୋଟ କଳେବରରେ ତଥାପି ମନଛୁଆଁ ହୋଇପାରୁଛି। ଜୁନ ସାତ ସଂଖ୍ୟାରେ ଗପ 'ବାପାଙ୍କ ଚପଲ' ବେଶ୍ ହୃଦୟ ସ୍ପର୍ଶୀ ଓ ମାର୍ମିକ, ଲେଖିକାଙ୍କୁ ଧନ୍ୟବାଦ। ପଙ୍ଗପାଳର ଇତିହାସ ଜାଣିହେଲା ସଂକ୍ଷେପରେ। ପ୍ରାୟ ସବୁ ବିଭାଗ ପୂରା ପରିବାର ପାଇଁ ଭରପୂର। କେବେ ବର୍ଦ୍ଧିତ ଆକାର ଆସିବ ଅପେକ୍ଷା ରହିଲା। କରୋନା ଯାଉ ଜୀବନ ସ୍ୱାଭାବିକ ହେଉ।

*–ଡକ୍ଟର ରାଜୀବ ଷଡ଼ଙ୍ଗୀ(ନୀସୂତ), ସୂର୍ଯ୍ୟ ନିଳୟମ୍, କୁଣ୍ଡି, କୁମୁଡା ଜୟପୁର, କଟକ*

■ ଛୁଟିଦିନକୁ ଏତେଦିନ ପରେ ହାତ ଧରି ପଢିବାର ସୁଯୋଗ ମିଳିବାରୁ ବହୁତ ଖୁସି ଲାଗିଲା। ପ୍ରଚ୍ଛଦ ପ୍ରସଙ୍ଗ 'ଶସ୍ୟର ଶତ୍ରୁ' ଶିକ୍ଷଣୀୟ ଥିଲା। ସିକ୍ସ ପ୍ୟାକ୍ ଥିବା ବାଳକ ସତରେ ବିସ୍ମୟକର। ସୃଜନର ସବୁ ଗପକବିତା ମନଛୁଆଁ ଏବଂ ହାଃ ହାଃ ବେଶ୍ ମଜାଦାର ଥିଲା।

*–ମନୋରମା ବାରିକ, ଅତାବିରା, ବରଗଡ*

■ ମାସ୍କ ଫ୍ୟାଶନ୍ ପଢି ଭଲ ଲାଗିଲା। ସିନେମା ପୃଷ୍ଠା ମୋର ବହୁତ ପ୍ରିୟ। କାର୍ଟୁନ କର୍ନର ମଜାଦାର ଥିଲା। ଫ୍ରାଏଡ୍ ଏଗ୍ ଆର୍ଟ ପାଠଟିରେ ମହିଳାଙ୍କ ଦ୍ୱାରା ତିଆରି ଅଣ୍ଡାର କଳାକୃତି ବେଶ୍ ଚମତ୍କାର ଥିଲା।

*–ସତ୍ୟବାଦୀ ପଢିହାରୀ, ବଡ଼ମ୍ବା, କଟକ*

■ ବାପାଙ୍କ ଚପଲ ଗପଟି ବେଶ୍ ହୃଦୟସ୍ପର୍ଶୀ ଥିଲା। ସବୁ ବାପା ସତରେ ଏମିତି। ମଡେଲ ମିରର୍‌ରେ ଲିପିକା ବେଶ୍ ସୁନ୍ଦରୀ ଲାଗୁଥିଲେ। ଫ୍ୟାଶନରେ ମାସ୍କ ବିଷୟଟି ସମୟୋପଯୋଗୀ ଥିଲା। ପ୍ରଚ୍ଛଦ ପ୍ରସଙ୍ଗ ବି ଭଲ ଲାଗିଲା।

*– ତୁଳସୀ ମହାନ୍ତି, କାକଟପୁର, ପୁରୀ*

■ ସିନେମା ପୃଷ୍ଠାରେ ସୋନୁ ସୁଦ୍‌ଙ୍କ ୧୮ ମାସର ସଂଘର୍ଷ ପଢି ଭଲ ଲାଗିଲା। ଅର୍ଜୁନ–ରଣବୀରଙ୍କ ଯୋଡିକୁ ନେଇ ଆସୁଥିବା ଫିଲ୍ମଟି ନିଶ୍ଚୟ ଭଲ ହୋଇଥିବ। ହାଃ ହାଃ ମୋର ଭାରି ପ୍ରିୟ। ସୃଜନ ପୃଷ୍ଠାଟି ମନଛୁଆଁ ହେଉଛି।

*–ସରୋଜ ପଟ୍ଟନାୟକ, ହୁମ୍ମା, ଗଞ୍ଜାମ*

■ ଅନେକ ଦିନର ଅପେକ୍ଷା ପରେ ଛୁଟିଦିନ ପେପର୍ ଘରକୁ ଆସିଲା। ପଢି ଖୁସି ଲାଗିଲା। ତେବେ ୧୬ ପୃଷ୍ଠା କେବେ ହେବ ଅପେକ୍ଷା ରହିଲା। ଏଥରର ସବୁପୃଷ୍ଠା ମନଛୁଆଁ ହୋଇଥିଲା।

*–ରମାକାନ୍ତ ପାଢୀ, ନରସିଂହପୁର*

■ ପ୍ରଚ୍ଛଦ ପ୍ରସଙ୍ଗଟି ଭଲ ଲାଗିଲା। ବ୍ୟାକ୍‌ପେଜ୍ ଓ କାର୍ଟୁନ କର୍ନର ପଢିବାକୁ ମତେ ବହୁତ ଭଲ ଲାଗେ। ହାଃ ହାଃ ପଢି ହସି ହସି ବେଦମ୍ ହୋଇଗଲି। ଫ୍ୟାଶନ୍‌ରେ ମାସ୍କ ବିଷୟଟି ବି ଭଲ ଲାଗିଲା।

*–ସନାତନ ବଳିୟାରସିଂ, ଜଗନ୍ନାଥ ପ୍ରସାଦ, ଭଦ୍ରକ*

## ବିଶେଷ ଚିଠି



ସକାଳ ସୂରୁଯ ଉଏଁ ପୂର୍ବ ଦିଗେ
ସାଥିରେ ସୁନେଲି କିରଣ ନେଇ
ଛୁଟିଦିନ ଆସେ ପ୍ରତି ରବିବାରେ
ସାଥିରେ ବିବିଧା ପ୍ରସଙ୍ଗ ନେଇ
ଜଣାଏ କେତେ ଯେ ନୂଆ ନୂଆ କଥା
ସଜ୍ଜନ ସାଥୀଟେ ସିଏ ଆମର
ଖରା ବର୍ଷା ଶୀତ ଖାତିର ନ କରି
ଦିଏ ଯେତେ ସବୁ ଭଲ ଖବର।

–ସୁବ୍ରତ ମଲିକ
ମଙ୍ଗଳପୁର, ଅସୁରାଳି, ଭଦ୍ରକ

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795



# ମନ୍ଦିର ବେଢାରେ ରଥଯାତ୍ରା

**ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା, ପତିତପାବନ ଯାତ୍ରା ଭାବେ ବିଶ୍ୱପ୍ରସିଦ୍ଧ। ଭାଇ-ଭଉଣୀଙ୍କୁ ସାଥିରେ ଧରି ବଡ଼ଦାଣ୍ଡକୁ ଚାଲି ଆସନ୍ତି କାଳିଆ ସାଆନ୍ତ। ରଥରେ ଚଢି ଯାଆନ୍ତି ଗୁଣ୍ଡିଚା ମନ୍ଦିର। ନବଦିନାତ୍ମକ ଯାତ୍ରା ସାରି ଫେରି ଆସନ୍ତି ରତ୍ନ ସିଂହାସନକୁ। କିନ୍ତୁ ଇତିହାସ କୁହେ ରଥଯାତ୍ରା ହୋଇଥିଲା, ସେଠାରେ ନ ଥିଲେ ଭକ୍ତ। ଆଉ ବଡ଼ଦାଣ୍ଡରେ ନୁହେଁ ମନ୍ଦିର ଭିତରେ ସମାହିତ ହୋଇଥିଲା ଏହି ଯାତ୍ରା...**

ମହାପ୍ରଭୁ ଶ୍ରୀଜଗନ୍ନାଥ। ଓଡ଼ିଆଙ୍କ ଆରାଧ୍ୟ ଦେବତା। ଅନନ୍ୟ ତାଙ୍କର ମାନବୀୟ ଲୀଳା। ଭାଇଭଉଣୀଙ୍କୁ ସାଥିରେ ଧରି ପ୍ରତିବର୍ଷ ବାହାରିଥାଆନ୍ତି ବଡ଼ଦାଣ୍ଡକୁ। ଆଉ ରଥରେ ଚଢି ଯାଆନ୍ତି ଗୁଣ୍ଡିଚା ମଣ୍ଡପ। ୯ଦିନର ଯାତ୍ରା ସାରି ବାହୁଡନ୍ତି ଜନ୍ମବେଦିରୁ ରତ୍ନବେଦିକୁ। ଘୋଷଯାତ୍ରାଭାବେ ବିଶ୍ୱବିଦିତ କାଳିଆ ସାଆନ୍ତଙ୍କ ଏହି ରଥଯାତ୍ରା। କିନ୍ତୁ ଇତିହାସ କୁହେ ଶ୍ରୀଜୀଉଙ୍କର ଏହି ଯାତ୍ରା ବନ୍ଦ ହୋଇଥିଲା ଅନେକ ବର୍ଷ। ପୁଣି ଦୀର୍ଘବର୍ଷ ବି ଶ୍ରୀକ୍ଷେତ୍ରରେ ନ ଥିଲେ ଦାରୁଦିଅଁ। ଇତିମଧ୍ୟରେ ଶ୍ରୀକ୍ଷେତ୍ର ବାହାରେ ୮ ଥର ହୋଇଥିଲା ରଥଯାତ୍ରା। ଆଉ ଥରଟିଏ ଏହି ଯାତ୍ରା ସମ୍ପାଦିତ ହୋଇଥିଲା ଶ୍ରୀମନ୍ଦିର ବେଢାରେ।

ମହାପ୍ରଭୁଙ୍କ ଶ୍ରୀମନ୍ଦିର, ଯେଉଁଠାକୁ ଆସିବା ଲାଗି ଶ୍ରଦ୍ଧାଳୁଙ୍କ ମନହୁଏ ଉଚ୍ଛନ୍ନ। ବୈଚିତ୍ର୍ୟମୟ ଏହି ଦେବ ଦେଉଳ ସାରାଜଗତରେ ବିରଳ। ତଥାପି ଥରେ କି ଦୁଇଥର ନୁହେଁ, ୧୮ ଥର ଏହି ମନ୍ଦିର ଉପରେ ହୋଇଥିଲା ଆକ୍ରମଣ। ଯବନ ଓ ବିଧର୍ମୀଙ୍କ ଦ୍ୱାରା ଶ୍ରୀକ୍ଷେତ୍ର ପାଲଟିଥିଲା ରଣକ୍ଷେତ୍ର। ଦାରୁଦିଅଁ ହୋଇଥିଲେ ସ୍ଥାନାନ୍ତର। ତେବେ ଯେଉଁବର୍ଷ ଶ୍ରୀମନ୍ଦିର ବେଢାରେ ହୋଇଥିଲା ରଥଯାତ୍ରା ତାହା ଥିଲା ୧୬୯୨ ମସିହାର ଘଟଣା।

ଇତିହାସର ତଥ୍ୟ ଅନୁଯାୟୀ ତତ୍‌କାଳୀନ ଦିଲ୍ଲୀ ବାଦଶାହା ଔରଙ୍ଗଜେବଙ୍କ ଆଦେଶରେ ଶ୍ରୀମନ୍ଦିର ଉପରେ ହୋଇଥିଲା ଆକ୍ରମଣ। ଏଥିଲାଗି ଦାରୁଦିଅଁ ହୋଇଥିଲେ ସ୍ଥାନାନ୍ତର ଏବଂ ସେହିବର୍ଷ ହିଁ ବିନା ଭକ୍ତରେ ଶ୍ରୀମନ୍ଦିର ବେଢାରେ ହୋଇଥିଲା ରଥଯାତ୍ରା। ଏ ସମ୍ପର୍କରେ ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର କୁହନ୍ତି, ଶ୍ରୀମନ୍ଦିର ଉପରେ ମୋଟ ୧୮ଥର ଆକ୍ରମଣ ହୋଇଥିବା ଇତିହାସରୁ ଜଣାପଡେ। ମହାପ୍ରଭୁ ଶ୍ରୀକ୍ଷେତ୍ରରେ ୧୬୪ ବର୍ଷ ୪ ମାସ ପାଖାପାଖି ନ ଥିଲେ। ଏଥିମଧ୍ୟରୁ ୯ ବର୍ଷ ହୋଇଥିଲା ରଥଯାତ୍ରା। ଅର୍ଥାତ୍ ୧୫୫ ବର୍ଷ ଧରି ଦାରୁଦିଅଁଙ୍କ ରଥଯାତ୍ରା ବନ୍ଦ ରହିଥିଲା। ତେବେ ୯ ବର୍ଷ ହୋଇଥିବା ରଥଯାତ୍ରା ମଧ୍ୟରୁ ୮ ଥର ହୋଇଥିଲା ଶ୍ରୀକ୍ଷେତ୍ର ବାହାରେ। ଗଡକୁଜଙ୍ଗରେ ୫ ବର୍ଷ, ଗଡ଼ମାଣତ୍ରୀ, ଚିଲିକାର ମହିଷା-ବରହମପୁର୍ କୁଦ ଏବଂ ଚିଲିକାର ଉତ୍ତର କୂଳରେ ଥିବା 'ନଈରୀ' ଗ୍ରାମରେ ବର୍ଷେ ଲେଖାଏ ହୋଇଥିଲା ରଥଯାତ୍ରା।

୧୬୯୨ ମସିହା ଥିଲା ଏଇଥିପାଇଁ ଚର୍ଚ୍ଚିତ ଯେ, ସେହିବର୍ଷ ମନ୍ଦିର ବେଢାରେ ଦାରୁଦିଅଁଙ୍କ ରଥଯାତ୍ରା ଅନୁଷ୍ଠିତ ହୋଇଥିଲା। ସେବର୍ଷ ଔରଙ୍ଗଜେବଙ୍କ ଆଦେଶ ଅନୁସାରେ ଏକ୍‌ରାମ ଖାଁ ଶ୍ରୀମନ୍ଦିର ଉପରେ କରିଥିଲେ ଆକ୍ରମଣ। ଏହି ଆକ୍ରମଣ ସମୟରେ ତାଙ୍କ ସହ ଥିଲେ ମରମସ୍ତ ଖାଁ ଜାମାଉଲା। ତେବେ ପୂର୍ବରୁ ଆକ୍ରମଣ ଆଶଙ୍କା ଦେଖାଦେବାରୁ ମହାପ୍ରଭୁଙ୍କ ଶ୍ରୀବିଗ୍ରହଙ୍କୁ ପ୍ରଥମେ ଶ୍ରୀମନ୍ଦିର ବେଢାରେ ଥିବା ଦେବୀ ବିମଳାଙ୍କ ମନ୍ଦିର ପଛପଟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରୁ ପୁଣି ବ୍ରହ୍ମଗିରି ଗଡକୋକଲର ମା' ଭଗବତୀଙ୍କ ମନ୍ଦିରକୁ ଭାର୍ଗବୀ ନଦୀ ପଥରେ ସ୍ଥାନାନ୍ତର ହୋଇଥିଲେ ଦାରୁଦିଅଁ। ଏକରାମ ଖାଁ ଶ୍ରୀକ୍ଷେତ୍ର ଆକ୍ରମଣ କରିବା ସମୟରେ ଖୋର୍ଦ୍ଧାର ରାଜା ଥିଲେ ଦିବ୍ୟସିଂହ ଦେବ। ତେବେ ବାଦଶାହା ଔରଙ୍ଗଜେବ ବିଜାପୁରରେ ଥାଇ ଶ୍ରୀଜଗନ୍ନାଥଙ୍କ ମନ୍ଦିର ଧ୍ୱଂସ ପାଇଁ ଦେଇଥିବା ଆଦେଶ ଅନୁସାରେ ଆରମ୍ଭ ହୋଇଥିଲା ଆକ୍ରମଣ। ଦାରୁଦିଅଁଙ୍କ ରତ୍ନ ସିଂହାସନ ପ୍ରାୟ ସମୟରେ ଆକ୍ରମଣକାରୀଙ୍କୁ ପ୍ରଲୋଭିତ କରିଆସିଥିଲା। ସେହି



# ସେହି ସମୟରେ ଶ୍ରୀମନ୍ଦିରର ଅବସ୍ଥା..

## ଇତିହାସ(ମାଦଳା ପାଞ୍ଜି) ମତରେ

୧- ଏ ଦିନୁ ଚନ୍ଦନଯାତ୍ରା ନୋହିଲେ: ଅର୍ଥାତ୍ ଆକ୍ରମଣଜନିତ ଭୟାବହ ପରିସ୍ଥିତି ଦୃଷ୍ଟିରୁ ପ୍ରଭୁଙ୍କର ବୈଶାଖମାସ ଅକ୍ଷୟତୃତୀୟା ଠାରୁ ୨୧ ଦିନ ବ୍ୟାପୀ ଅନୁଷ୍ଠିତ ହେଉଥିବା ଚନ୍ଦନଯାତ୍ରା ବନ୍ଦ ହୋଇଯାଇଥିଲା। ଚନ୍ଦନଯାତ୍ରା ଏକ ଗ୍ରୀଷ୍ମକାଳୀନ ଯାତ୍ରା। ଦୁଃଖାଭିଭୂତ ଭକ୍ତସମାଜ ମଉଜ ମଜଲିସ୍‌ରୁ ଦୂରରେ ରହିଥିଲେ।

୨- ଏ ଦିନୁ ରୁକ୍ମିଣୀ ହରଣ ନୋହିଲେ: ଶ୍ରୀମନ୍ଦିରରେ ଜ୍ୟେଷ୍ଠମାସ ଶୁକ୍ଳ ଏକାଦଶୀ ତିଥିରେ ବୈଷ୍ଣବୀୟ ଉପାସନାର ଜଗନ୍ନାଥରୂପୀ ଶ୍ରୀକୃଷ୍ଣଙ୍କ ପାଇଁ 'ରୁକ୍ମିଣୀହରଣ' ନୀତି ହୋଇଥାଏ। ଦ୍ୱାଦଶୀ ତିଥିରେ ବିବାହ ଅନୁଷ୍ଠିତ ହୁଏ ତାହା ବନ୍ଦ ହୋଇଥିଲା।

୩- ଏକାଦଶୀ ମହାଦୀପ ନୋହିଲେ: ଶ୍ରୀମନ୍ଦିର ଅଗ୍ରଭାଗ ଦଧିନଉତିକୁ ଯାଇ ପ୍ରତି ଏକାଦଶୀରେ ଏକ ମହାଦୀପ ପ୍ରଜ୍ୱଳନ କରାଯାଏ। ସେଠାରେ ଠାକୁର ରାଜାଙ୍କ ପ୍ରଶସ୍ତି ସହ ଜଗତର ମଙ୍ଗଳ ପାଇଁ ନୀଳଚକ୍ର ନିକଟରେ ଦୀପ ଦିଆ ଯାଇଥାଏ। ତାହା ବନ୍ଦ ହୋଇ ଯାଇଥିଲା।

୪- ବିବାହାଦି ନୋହିଲେ: ବିବାହାଦି ଉତ୍ସବ ଶ୍ରୀମନ୍ଦିରରେ ବନ୍ଦ ହୋଇଯାଇଥିଲା।

୫- ରକ୍ଷଭ ଦିଆଂନ (୨୧ ଦିନ ହେବ) ଭିତର ବେଢ଼ାରେ ଉତ୍ତରବାଢ଼େ ଜନମ ଚକଡ଼ାରେ କାଠ ସିଂହାସନରେ ଦେବସ୍ନାନ ଯାତ୍ରା ହୋଇଲେ- ଅର୍ଥାତ୍ ଜ୍ୟେଷ୍ଠ ମାସ ପୂର୍ଣ୍ଣିମା (ଦେବସ୍ନାନ ପୂର୍ଣ୍ଣିମା)ରେ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଓ ସୁଦର୍ଶନ ଶ୍ରୀମନ୍ଦିର ଆନନ୍ଦବଜାର ମଧ୍ୟରେ ଥିବା ସ୍ନାନମଣ୍ଡପକୁ ଯିବା ପରେ ଦେବସ୍ନାନ ଯାତ୍ରା ହୋଇଥାଏ। ସେ ବର୍ଷ ତାହା ନ ହୋଇ ରତ୍ନ ସିଂହାସନ ସାମନାରେ ଥିବା ଗୁମୁଟର ଉତ୍ତର ପାର୍ଶ୍ୱରେ ଯେଉଁ କାଠ ସିଂହାସନ ଉପରେ ପ୍ରଭୁଙ୍କର ନବ ଯୌବନ ବେଶ ହୋଇଥାଏ ସେଇ ସିଂହାସନ ଉପରେ ପ୍ରଭୁଙ୍କର, ଦେବସ୍ନାନ ଯାତ୍ରା ସମାପନ ହୋଇଥିଲା। ପ୍ରଭୁ ବାହାର ବେଢ଼ାକୁ ମଧ୍ୟ ଆସି ନ ଥିଲେ।

୬- ଧୂପରେ ଘଣ୍ଟା ନ ବାଜିଲା: ପ୍ରଭୁଙ୍କର ଧୂପ(ଭୋଗ) ସମୟରେ ଘଣ୍ଟଘଣ୍ଟା ବଜା ନ ଯାଇ ନୀରବରେ ଭୋଗନୀତି ସମାପନ ହୋଇଥିଲା।

୭- ଗୁଣ୍ଡିଚାଯାତ୍ରା ଭୋଗମଣ୍ଡପରେ ହୋଇଲେ: ଅର୍ଥାତ୍ ଆଷାଢ଼ ମାସରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ବନ୍ଦ ହୋଇଯାଇଥିଲା। ଏହି ଯାତ୍ରାରେ ପ୍ରଭୁ ୩ଟି ରଥରେ ଶ୍ରୀମନ୍ଦିରରୁ ବାହାରକୁ ବାହାରି ନବଦିନଯାତ୍ରାରେ ଶ୍ରୀଗୁଣ୍ଡିଚା ମନ୍ଦିରକୁ ଯାଇଥାନ୍ତି। ତାହା ନ ହୋଇ ଗରୁଡ଼ଖମ୍ବ ପଛପଟ ଭୋଗମଣ୍ଡପକୁ ପ୍ରଭୁଙ୍କ ବିଜେ କରାଯାଇ ଶ୍ରୀଗୁଣ୍ଡିଚା ଯାତ୍ରା ନୀତି ପାଳିତ ହୋଇଥିଲା।

୮- ଶ୍ରୀମନ୍ଦିରରେ ମହାପ୍ରସାଦ ରନ୍ଧା ଏକାବେଳକେ ବନ୍ଦ ହୋଇଗଲା (ଚକଡ଼ାପୋଥି): ଫଳରେ ବିଭିନ୍ନ ପ୍ରାନ୍ତରୁ ଆସୁଥିବା ଯାତ୍ରୀମାନେ ଏଇସବୁ କାରଣରୁ ଶ୍ରୀକ୍ଷେତ୍ରକୁ ଆସି ନ ଥିଲେ। ଶ୍ରୀକ୍ଷେତ୍ରରେ ଶ୍ମଶାନର ନୀରବତା ଆଚ୍ଛାଦିତ କରି ଯାଇଥିଲା।

ଏଥିରୁ ଜଣାଯାଉଛି ଶ୍ରୀଜଗନ୍ନାଥଙ୍କ ନୀତି ବନ୍ଦ ହୋଇ ନ ଥିଲେ ମଧ୍ୟ ନିରାଡ଼ମ୍ବର ଭାବରେ ଖୁବ୍ ଗୋପନରେ ପାଳିତ ହୋଇଥିଲା। ଆଉ ଯାନିଯାତ୍ରା ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିଲା।


ଗଡ଼କୋକଲର ମା' ଭଗବତୀ

ଏହି ଆଶାରେ ଏକରାମ ଖାଁ ସିଂହଦ୍ୱାର କବାଟକୁ ଭାଙ୍ଗି ଦେଉଳ ଭିତରେ ପଶିଥିଲେ। ତାଙ୍କ ସାନ ଭାଇ ମରମସ୍ତ ଖାଁ ଧାଇଁ ଯାଇ ଚଢ଼ି ଯାଇଥିଲା ରତ୍ନ ସିଂହାସନକୁ। ରତ୍ନବେଦିରେ ସେ ଭେଟିଛି ଚନ୍ଦନ କାଠରେ ନିର୍ମିତ ବିଗ୍ରହଙ୍କୁ, ଯାହାଙ୍କର ଚକ୍ଷୁ ଦୁଇଟି ନିର୍ମିତ ଦୁର୍ମୂଲ୍ୟ ରତ୍ନରେ। ସେହି ବିଗ୍ରହଙ୍କୁ ଧରି ସେ କଟକ ଫେରିଯାଇଥିଲା। ଅନ୍ୟ ଆକ୍ରମଣକାରୀ ଶ୍ରୀମନ୍ଦିର ମଧ୍ୟରେ ରହି ଲୁଟ୍‌ପାଟ କଲେ। ଅନେକ ଧନ ସମ୍ପତ୍ତି ଲୁଣ୍ଠନ କରି ନେଇଗଲେ। ମାଦଳା ପାଞ୍ଜି, ମୋଗଲ ଇତିହାସ ଓ ଚକଡା ପୋଥିର ବିବରଣୀକୁ ସମୀକ୍ଷା କରି ପ୍ରଖ୍ୟାତ ଐତିହାସିକ କେଦାରନାଥ ମହାପାତ୍ର ଉଲ୍ଲେଖ କରିଛନ୍ତି ଯେ, ଏକରାମ ଖାଁ ଦ୍ୱାରା ଶ୍ରୀମନ୍ଦିର ଉପରେ ଆକ୍ରମଣ ହୋଇଥିଲା। ସେତେବେଳେ ରାଜା ଦିବ୍ୟସିଂହ ଦେବ ପ୍ରତିରୋଧ କରି ନ ଥିଲେ। ରାଜା ଯେତିକି ଭାଙ୍ଗିବାକୁ ଜବାବ ଦେଇଥିଲେ ସେତିକି ନ ଭାଙ୍ଗି ସିଂହଦ୍ୱାରରେ ଥିବା ଏକ ରାକ୍ଷସ ମୂର୍ତ୍ତି ଓ ଗୁମୁଟ ଭାଙ୍ଗି ଦେଲେ। ଚନ୍ଦନ କାଠରେ ତିଆରି ରତ୍ନଖଚିତ ନେତ୍ର ଥିବା ଏକ ବିଗ୍ରହଙ୍କୁ ଏକରାମ ଖାଁଙ୍କୁ ଦେଇଥିଲେ। ସେ ଏହାକୁ ନେଇ ବାଦଶାହଙ୍କ ବିଜାପୁର ମୁକାମଙ୍କୁ ପଠାଇଦେଇଥିଲେ।(ଉଦ୍ଧୃତ- ଖୋର୍ଦ୍ଧା ଇତିହାସ)।

ଏହି ଆକ୍ରମଣ ସମୟର ଦୁଇଟି ଘଟଣା ଉଲ୍ଲେଖଯୋଗ୍ୟ। ଜଣେ ମୁସଲମାନ ସେନାପତି ପ୍ରଥମଥର ପାଇଁ ମହାପ୍ରଭୁଙ୍କ ରତ୍ନ ସିଂହାସନ ଉପରକୁ ଉଠିଯାଇ ଠିଆ ହୋଇଥିଲେ। ଦ୍ୱିତୀୟରେ ଏକଚ୍ଛତ୍ରବାଦୀ ଔରଙ୍ଗଜେବଙ୍କ ବିରୁଦ୍ଧରେ ଦିବ୍ୟସିଂହ ଦେବ ଅସ୍ତ୍ରଧାରଣ କରିବାକୁ ଅସମର୍ଥ ହୋଇ ଏ ଜାତିର ଆରାଧ୍ୟ ଦେବତାଙ୍କ ପ୍ରତି ସମସ୍ତ ଅପମାନ ସହ୍ୟ କରିଯାଇଥିଲେ। ଯାହାଫଳରେ ଜଗନ୍ନାଥ ମନ୍ଦିର ଧ୍ୱଂସମୁଖରୁ ରକ୍ଷା ପାଇଯାଇଥିଲା। ଉଲ୍ଲେଖଯୋଗ୍ୟ ବିଭିନ୍ନ ସମୟରେ ଆକ୍ରମଣ ହୋଇଥିଲେ ମଧ୍ୟ ମନ୍ଦିର ନ ଭାଙ୍ଗି ରହିଲା କିପରି! ଗଜପତିମାନେ କେତେ କଳବଳ କୌଶଳ ଦେଖାଇ କେତେବେଳେ ହାରିଛନ୍ତି, ନିଜ କନ୍ୟା, ଭଗିନୀଙ୍କୁ ହରାଇବାକୁ ପଡ଼ିଛି ତ କେତେବେଳେ ହାତୀଘୋଡ଼ା, ସୁନାରୁପା, ରତ୍ନ ଅଳଙ୍କାର ନିଃସଙ୍କୋଚରେ ଆକ୍ରମଣକାରୀଙ୍କ ଅଞ୍ଜଳିକୁ ଟେକି ଦେଇଛନ୍ତି। ଧନ ଯାଉ ପଛେ କେମିତି ମୋ ପ୍ରଭୁ ରକ୍ଷା ପାଇ ଯାଆନ୍ତୁ। ଆଉ ପ୍ରଭୁଙ୍କ ଶ୍ରୀମନ୍ଦିର ଅକ୍ଷୁଣ୍ଣ ରହିଥାଉ, ଏହି ଜାତିର ପରିଚୟ ବଞ୍ଚିଥାଉ। ଭାରତ ଇତିହାସରେ ଜାତିର ପରିଚୟକୁ ଜାହିର କରିବା ପାଇଁ ଜାତିର ଇଷ୍ଟ ଦେବତାଙ୍କ ଲାଗି ସବୁ କିଛି ତ୍ୟାଗ କରିଦେଉଥିବା ରାଜାଙ୍କର ଇତିହାସ ବିରଳ। ଆଉ ଏ କ୍ଷେତ୍ରରେ ଖୋର୍ଦ୍ଧାର ଗଜପତି ବଂଶ ଅନନ୍ୟ।

ତେବେ ଗଜପତିଙ୍କ କୂଟନୀତିରେ ଏକରାମ ଖାଁ ନକଲି ତିନି ବିଗ୍ରହଙ୍କ ମୂର୍ତ୍ତି ଓ ୩୦ ହଜାର ଟଙ୍କାନେଇ ଫେରିଗଲେ। ଏହାପରେ ମହାପ୍ରଭୁଙ୍କୁ ଗୁପ୍ତରେ ଗଡକୋକଳଠାରୁ ଅଣାଯାଇଥିଲା। ସେତେବେଳକୁ ସେଠାରେ ଦିଅଁଙ୍କ ଚନ୍ଦନଯାତ୍ରା ଅନୁଷ୍ଠିତ ହୋଇ ସାରିଥିଲା। ଦାରୁଦିଅଁଙ୍କୁ ମନ୍ଦିରକୁ ଅଣାଯିବା ପରେ ଚାରିଦ୍ୱାର ବନ୍ଦ କରାଯାଇ ଉପାସନା ହୋଇଥିଲା। ଦକ୍ଷିଣଦ୍ୱାରର ଚୋରା କବାଟ ବାଟେ କେବଳ ପାଳିଆ ସେବକ ଯିବା ଆସିବା କରୁଥିଲେ, ତାହା ପୁଣି ଗୁପ୍ତରେ। ସେତେବେଳେ ଏକାଦଶୀରେ ମହାଦୀପ ଉଠି ନ ଥିଲା। ରୁକ୍ମିଣୀ ହରଣ ନୀତି ମଧ୍ୟ ହୋଇ ନ ଥିଲା। ବାହାର ପୋଖରିଆରେ ପଟା ପଡ଼ି ସ୍ନାନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଅଣସର ଘରେ ଅଣସର ନୀତି ହେବା ପରେ ଶ୍ରୀଗୁଣ୍ଡିଚା ଦିନ ମହାପ୍ରଭୁଙ୍କୁ ଭଣ୍ଡାର ଘରକୁ ବିଜେ କରାଯାଇଥିଲା। ସେତେବେଳେ ଏହି ଭଣ୍ଡାର ଘର ହୋଇଥିଲା ଗୁଣ୍ଡିଚା ଘର। ସେଠାରେ ୯ଦିନ ରହିବାପରେ ରତ୍ନସିଂହାସନକୁ ଫେରିଥିଲେ ଦାରୁଦିଅଁ। ଏହିଭଳି ଭାବେ ସେହିବର୍ଷ(୧୬୯୨) ମନ୍ଦିର ବେଢ଼ାରେ ହୋଇଥିଲା ରଥଯାତ୍ରା ପୁଣି ବିନା ଭକ୍ତରେ।

**-ବୀରଭଦ୍ର ବିଶ୍ୱାଳ**

ଶିଳ୍ପୀ: ନାରାୟଣ ମହାରଣା





# ବାପା ବି କାନ୍ଦନ୍ତି

**–ସନ୍ତୋଷ କୁମାର**

ଖାଁ ଖାଁ ଖରା ପହର ନଈପାଣିରେ ମାତି ମାତି ଫେରିଲା ବେଳେ ବାପାଙ୍କ ପାଞ୍ଚଣ, ଗୋଡ଼ ପିଠିରେ ଆଙ୍କିଦେଉଥିଲା ରକ୍ତ–ଶିରା ନୋଳା। ପାଠ ନ ପଢ଼ି କ୍ରିକେଟ୍ ଖେଳରେ ମାତିଲା ବେଳେ ପଡ଼ିଆରୁ ବାଛୁରି ପଘା ଟାଣିଟାଣି ଆଣିବା ଭଳି କାନ ଟାଣି ଘରକୁ ନେଇଆସୁଥିଲେ ସେ। ଘରେ ସାନଭାଇ, ଭଉଣୀ ସହ ଉତ୍ପାତ କଲେ ବି ଛେଚୁଥିଲେ। ଟ୍ୟୁଶନରୁ ଠକି ଲୁଚିଲେ କିମ୍ବା କାହା ବାଡ଼ିରେ ପଶି କୋଳି କି ପିଜୁଳି ଖାଇଲେ ବି ନିର୍ଘାତ ପିଟୁଥିଲେ ବାପା। ତାଙ୍କର ଏ କଠୋରପଣ ଓ ଅନୁଶାସନ ମୁଁ ସହିପାରେନି। ସବୁଥର କାନ୍ଦି ପକାଏ।

ପ୍ରଥମଥର ମୁଁ ଯେତେବେଳେ ହଷ୍ଟେଲରେ ରହି ପଢ଼ିବା ପାଇଁ ଘର ଛାଡ଼ିଲି, ବୋଉ ଭୀଷଣ କାନ୍ଦିଲା। ଭଉଣୀ ଯେତେବେଳେ ବାହା ହୋଇ ମୋତେ ଛାଡ଼ି ତା' ଶାଶୁଘରକୁ ଗଲା, ସେ ବି କାନ୍ଦିଲା। ବାପା କିନ୍ତୁ କାନ୍ଦନ୍ତିନି। ଏ ଲୋକ କୋଉ ଧାତୁରେ ଗଢ଼ା? ଲୁହା, ନିକେଲ ନା କୋବାଲଟ୍? ଭାବେ– ବାପା ଥରେ କାନ୍ଦନ୍ତେନି। ମୁଁ ଦେଖି ଖୁସି ହୁଅନ୍ତି।

ବୟସର ୩୪ ଅଙ୍କ ମୋତେ ଗୋଟେ ଉପହାର ଦେଲା। ହସ୍ପିଟାଲ୍ ବେଡ୍‌ରେ ଥିବାବେଳେ ମୋ' ବାୟୋପ୍ସି ରିପୋର୍ଟ ଫାଇଲ ଯେଉଁଦିନ ମୋତେ କ୍ୟାନ୍ସର ହୋଇଛି ବୋଲି ସୂଚେଇଦେଲା, ସେଦିନ ବାପା ହସ୍ପିଟାଲର ଗୋଟେ କୋଣକୁ ଯାଇ କାନ୍ଦି ପକେଇଲେ। ଅତି ଛୋଟଛୁଆର ରାହା ନ ଥିବା କାନ୍ଦ। ଏତେ କାନ୍ଦିଲେ ଯେ ବୋଉ କି ଭଉଣୀ କେହି ବି ଅଟକାଇ ପାରିଲେନି ସେ ଲୁହର ସ୍ରୋତ।

ପ୍ରଥମଥର ଲାଗିଲା ବାପା କାନ୍ଦନ୍ତି।

ଭଲପାଇବାର ପାରାମିଟର ତେବେ ଗୋଟେ ଟ୍ରାନ୍ସପାରେଣ୍ଟ ଲୁହ। ବାପାଙ୍କ ଆଖିର ନିର୍ମଳ ଲୁହ ଭିତରେ ମୋ' ପାଇଁ ଏତେ ଭଲପାଇବା ଥିଲା? ଜାଣି ଖୁସି ହେଲି ଯେ– ବାପା ବି କାନ୍ଦନ୍ତି। କିନ୍ତୁ ତା' ପରେ ଛଟପଟ ହେଲି। ଏଇଥିପାଇଁ ଯେ ମୁଁ ଦୁନିଆ ଛାଡ଼ି ଚାଲିଯିବା ପରେ ବାପାଙ୍କ ଏ କାନ୍ଦ ହୁଏତ ସେ ଦୁନିଆ ଛାଡ଼ି ଯିବା ପର୍ଯ୍ୟନ୍ତ ଅନବରତ ତାଙ୍କ ଆଖିରେ ଦୋଳି ଖେଳୁଥିବ।

ବାପା, କ୍ଷମା କରିବ। ମୁଁ କେବେ ତୁମ ଆଖିର ଖୁସି ହୋଇପାରିଲିନି।

*–ନୂଆ ଆଲତୁମା, କାମାକ୍ଷାନଗର, ଢେଙ୍କାନାଳ*

# ବୁଜୁଳା ଭିତରେ ବାପା

**–ଶିବ ମିଶ୍ର**

ଚାକିରିଆ ପୁଅ। ପିଲା ଛୁଆଙ୍କୁ ଧରି ସହରରେ ରହନ୍ତି। କେବେକେବେ ଗାଁ'କୁ ଆସନ୍ତି। ରହନ୍ତି ଘଡ଼ିଏ, ଦି'ଘଡି। ଗାଁର କାହା ସହିତ କଥା ହେବା ଛାଡ, ଘରେ ଏକୁଟିଆ ରହୁଥିବା ବାପାଙ୍କ ମୁହଁକୁ ବି ଭଲକରି ଦେଖି ପାରନ୍ତିନି ସିଏ। ବୋଉ କେବେଠୁ ଆରପୁରକୁ ଚାଲି ଗଲେଣି। ପୁଅ ଗାଁରୁ ଫେରିଲା ବେଳେ, ବାପା– ସଜାଡି ରଖିଥିବା ଚାଉଳରୁ କିଛି ନେଇ ଆସନ୍ତି ସିନା, ବାପାଙ୍କୁ କେବେ ଟଙ୍କାଟିଏ ବି ଦିଅନ୍ତିନି। ଏମିତି କି କୌଣସି କାମ ପଡ଼ିଲେ, ଟଙ୍କା କିଛି ପଠାଇବା ପାଇଁ ବାପା ଚିଠି ଲେଖି ଜଣାଇଲେ, ପୁଅ ସେ ଚିଠିକୁ ଆଲମାରି ବହି ଥାକତଳେ ରଖି ଦେଇ ଭୁଲି ଯାଆନ୍ତି ସେ କଥା। ଏବେ ଅଳ୍ପ ଦିନ ତଳେ ବାପାଙ୍କ ଦେହ ଖରାପ ହେଲାବେଳେ ଔଷଧ ପାଇଁ କିଛି ଟଙ୍କା ଦରକାର ବୋଲି, ବାପା ଚିଠିଟିଏ ପଠାଇଥିଲେ। ପୁଅ ଏଥର ନୀରବ ରହି ପାରିଲେ ନାହିଁ। ଚିଠିଟି ସ୍ତ୍ରୀଙ୍କ ହାତକୁ ବଢାଇ ଦେଇ କହିଲେ– ବାପା ଜମିରୁ ଧାନ ଚାଉଳ ପାଉଛନ୍ତି, ପୁଣି ବ୍ରାହ୍ମଣିଆ କର୍ମ କର୍ମାଣି କରି ରୋଜଗାର ବି କରୁଛନ୍ତି। ସେ ସବୁ କ'ଣ କରୁଛନ୍ତି କେଜାଣି। ସ୍ତ୍ରୀ, ଏକଥା ଶୁଣିଲେ ହେଲେ ଉତ୍ତର ଦେଲେନି। ନୀରବ ରହିଲେ। ସପ୍ତାହକ ପରେ, ଏବେ ଦିନେ ସ୍ୱାମୀ ଅଫିସ୍‌ରୁ ଫେରିବାପରେ ସନ୍ଧ୍ୟାବେଳେ ସ୍ତ୍ରୀ, ତାଙ୍କ ହାତକୁ ଲଫାପାଟିଏ ବଢାଇ ଦେଇ କହିଲେ–ଏଇଟା ବ୍ୟାଙ୍କରୁ ଆସିଛି। ପୁଅ ଦେଖିଲେ–ବାପା ତାଙ୍କ ନାତି ଆଉ ନାତୁଣୀଙ୍କ ନାଁରେ ପ୍ରତି ମାସରେ ଜମା କରୁଥିବା ଟଙ୍କାର ମିଆଦ ପୂରଣ ହୋଇ ଯାଇଛି। ଏବେ ସେ ଟଙ୍କା ଉଠାଇ ଆଣିବା ପାଇଁ ବ୍ୟାଙ୍କରୁ ଚିଠି ଆସିଛି।

ସିଏ ଧରିଥିବା ସେ ଚିଠି ଟିକୁ ପୁଣି ଥରେ ଚାହିଁଲା ବେଳକୁ ସେଥିରୁ ଅକ୍ଷର ସବୁ ଲିଭି ଯାଇଥିଲା। ଥିଲା ବାପାଙ୍କର ହାଡୁଆ ରୁଢିଆ ମୁହଁ। ସେଦିନ ଶୀତ ରାତିର ମୁହଁ ଘୋଡା ଚାଦର ତଳେ, ତାଙ୍କୁ ଦେଖାଗଲା ସେଇ ଚିଠି ଆଉ ତା ଭିତରେ ଥିବା ବାପାଙ୍କ ମୁହଁ। ରାତି ଥାଉ ଥାଉ ତାଙ୍କ ଗାଁ ବାଟ ଦେଇ ଯାଉଥିବା ବସ୍ ଧରିଲେ ସିଏ। ଦିନ ଆଠଟା ହେଲା ବେଳକୁ ପହଞ୍ଚି ଗଲେ ଗାଁ ମୁଣ୍ଡରେ। ତାଙ୍କ ଘରଟା ସେ ଛକରୁ ବେଶି ଦୂର ନୁହେଁ। ତଥାପି କେଜାଣି କାହିଁକି, ଖୁବ୍ ଜୋରରେ ଧାଇଁବାକୁ ଲାଗିଲେ। ଅଧା ମୁଦା କବାଟ ଠେଲି ଘର ଭିତରକୁ ଯାଇ ଦେଖିଲେ, ଶେଯ ଉପରେ ବାପା ନ ଥିଲେ, ପଡି – ଥିଲା ହାଡ଼ ମାଂସର ବୁଜୁଳାଟିଏ। ପୁଅ ଏବେ, ସେଇ ବୁଜୁଳା ଭିତରେ ଖୋଜୁଥିଲେ ବାପାଙ୍କୁ।

*– ବାଣପୁର, ଖୋରଧା*

# ବାପା

**–ପବିତ୍ର ବ୍ରହ୍ମପୁତ୍ର ନାୟକ**

ରାସ୍ତାକଡର ଷ୍ଟ୍ରୀଟ୍ ଲାଇଟ୍ ବଦଳି ପାରେ
ବାପା ବଦଳନ୍ତି ନାହିଁ
ଆଖିର ଚଷମା ବଦଳି ପାରେ
ବାପା ବଦଳନ୍ତି ନାହିଁ

ହାତର ମୁଦି
ପାଦର ଚପଲ
ଦେହର ଟିଶାର୍ଟ ବଦଳିଲେ ବଦଳନ୍ତି
କିନ୍ତୁ ବାପା ବଦଳିବା ଲୋକ ନୁହନ୍ତି

ବାପା ତ ମୁଣ୍ଡ ଉପରେ ଥିବା ଆକାଶ ପରି
ଛାତି ଭିତରେ ଥିବା ଈଶ୍ୱର ପରି
ଚିରକାଳ ମନରେ ନାଚୁଥିବା ପ୍ରିୟ ପୃଥିବୀ ପରି

ସେ ଘନ ମହାଂତି ହୁଅନ୍ତୁ କି
ନରି ଦଦେଇ
ସେ ରଜନୀ ଦଳେଇ ହୁଅନ୍ତୁ କି
ହରି କକେଇ
କିଏ ହେବ କି ବାପାଙ୍କ ପରି

ବଦଳିଲେ ବଦଳେ ଗାନ୍ଧୀଙ୍କ ଷ୍ଟାଚ୍ୟୁର ରଂଗ
ଗଣତନ୍ତ୍ରର ତୀବ୍ର ସ୍ୱର
ଝଡ ପରି ବହୁଥିବା ପୃଥିବୀର କ୍ରୋଧ
ତେରଶ ବର୍ଷଧରି ବଦଳି ନଥିବା ଦେଶ ଇତିହାସ

ହେଲେ ବାପା ବଦଳନ୍ତି ନାଇଁ

ବାପା ତ ଯାହା ଥିଲେ ତାହା
ହସ ହସ ମୁଖ
ପ୍ରଜାପତିଆ ନିଶ
ସୁଲଳିତ କଥା
ଝୁଣ୍ଟି ପଡିଲେ ଆଃ କହୁଥିବା ଛାତି ଭିତର ସ୍ୱର।

*–ରାଜନଗର, କେନ୍ଦ୍ରାପଡା*





ଆହ୍ଲାନା

## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧

# ହାଃ ହାଃ

## ପଡ଼ିଗଲ

ଡାକ୍ତର ମଦୁଆକୁ- ତମେ ସେ ଖୋଲା ମ୍ୟାନ୍‌ହୋଲ୍‌ରେ କେମିତି ପଡ଼ିଗଲ ?
ମଦୁଆ- ମତେ ସେଇଟା ସୋସିଆଲ ଡିଷ୍ଟାନ୍ସିଂ ପାଇଁ ତିଆରି ହୋଇଥିବା ସର୍କଲ ଭଳି ଦେଖାଗଲା। ଆଉ ମୁଁ ତା' ଉପରେ ଠିଆ ହେବାକୁ ଯାଇ ଭିତରେ ପଡ଼ିଗଲି।

## ଜୋତା

ବାପା ପୁଅକୁ- ମୋ ଜୋତା ଟିକେ ଆଣିଦେଲୁ।
ପୁଅ- ଷ୍ଟାଣ୍ଡରୁ ଆଣିବି ତ ? ଗୋଟେ ଆଣିବି ନା ଦିଇଟା ଯାକ।
ବାପା- ପ୍ରଥମେ ମୋର ଦୁଇଟାଯାକ ଦରକାର ଥିଲା। ହେଲେ ଏବେ ଗୋଟେ ଦରକାର ତୋ ମୁଣ୍ଡ ଠିକ୍ କରିବା ପାଇଁ।

## କମ୍ ମାର୍କ

ବାପା ପୁଅର ପରୀକ୍ଷା ଖାତା ଦେଖି- ଏତେ କମ୍ ମାର୍କ! ଇଚ୍ଛା ହଉଛି ଜୋର୍‌ରେ ଗୋଟେ ଚାପୁଡା ମାରିବାକୁ।
ପୁଅ-ହଁ, ବାପା ମୋର ବି ସେମିତି ଇଚ୍ଛା ହଉଛି। ସେଥିପାଇଁ ଚାଲ ସେ ସାର୍‌ଙ୍କ ଘରକୁ। ମୁଁ ତାଙ୍କ ଘର ଦେଖିଛି।

# କ୍ୟାରିୟର ପାଇଁ..

ଜୁହି ଚାୱଲାଙ୍କ ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା 'କୟାମତ ସେ କୟାମତ ତକ୍'ରୁ। ନବାଗତ ଆମୀର ଖାଁଙ୍କ ଅପୋଜିଟ୍‌ରେ ନାୟିକା ସାଜିଥିଲେ ସେ। ଫିଲ୍ମଟି ମଧ୍ୟ ହିଟ୍ ହୋଇଥିଲା। କିନ୍ତୁ ନିଜ କ୍ୟାରିୟର ଭିତରେ ସେ ଗୋଟିଏ କଥା ପ୍ରକାଶ କରି ନ ଥିଲେ। କାରଣ ଯଦି ସେ ଏହାକୁ ସମସ୍ତଙ୍କୁ କହିଦେଇଥାଆନ୍ତେ ତେବେ ତାଙ୍କର କ୍ୟାରିୟର ପ୍ରଭାବିତ ହେବାର ଆଶଙ୍କା ଥିଲା। ଏ ନେଇ ଜୁହି କୁହନ୍ତି, 'ସେତେବେଳେ ମୁଁ ଜୟ ମେହେତାଙ୍କ ପ୍ରେମରେ ପଡିଥିଲି। ହେଲେ ଏ କଥା କାହାକୁ ଜଣାଇ ନ ଥିଲି। କାରଣ ଏହାଦ୍ୱାରା କାଳେ ମୋ କ୍ୟାରିୟର ଆଫେକ୍ଟ ହେବ ସେ ନେଇ ଡରି ଯାଇଥିଲି। କିନ୍ତୁ ଠିକ୍ ସମୟରେ ତାହା ପରିବାରକୁ ଜଣାଇଥିଲି ଏବଂ ଜୟଙ୍କ ସହ ମୋର ମ୍ୟାରେଜ ହୋଇଥିଲା।

# ୩୦,୦୦୦ ପ୍ରପୋଜାଲ୍

ବିବାହ ପାଇଁ ଗୋଟିଏ ଦିନରେ ୩୦,୦୦୦ ପ୍ରପୋଜାଲ୍ କ'ଣ ଆସିପାରେ ? ହେଲେ ଜଣେ ବଲିଉଡ୍ ଅଭିନେତାଙ୍କ ଜୀବନରେ ଏପରି ଏକ ଘଟଣା ଘଟିଥିଲା। ସେ ହେଲେ ହ୍ରିତିକ ରୋଶନ। ଘଟଣାଟି ଏପରି। ୨୦୦୦ ମସିହା ଫେବୃୟାରୀ ୧୪ ତାରିଖ କଥା। ଏହି ଦିନଟି କ'ଣ ତାହା କହିବା ବାହୁଲ୍ୟ। ପ୍ରେମୀ ଯୁଗଳଙ୍କ ପାଇଁ ଏହା ଏକ ସ୍ମରଣୀୟ ଦିନ ଅର୍ଥାତ୍ 'ଭାଲେଣ୍ଟାଇନ୍ ଡେ'। ଏହି ଦିନ ହ୍ୟାଣ୍ଡସମ୍ ହ୍ରିତିକଙ୍କ ନିକଟକୁ ସୁନ୍ଦରୀ ତରୁଣୀମାନେ ମ୍ୟାରେଜ ପ୍ରପୋଜାଲ୍ ପଠାଇବାକୁ ଭୁଲି ନ ଥିଲେ। ଏହି ପ୍ରପୋଜାଲ ସଂଖ୍ୟା କେତେ ଥିଲା ଜାଣନ୍ତି ? ୩୦ ହଜାର। ଏପରି ଘଟଣା ସେ ସମୟରେ ଆଲୋଚନାର ଶିରୋନାମା ପାଲଟିଥିଲା। ହେଲେ ଷ୍ଟାର କିଡ୍ ହ୍ରିତିକ ତାଙ୍କ ପ୍ରେମିକା ସୁଜେନ ଖାଁଙ୍କୁ ମ୍ୟାରେଜ କରିଥିଲେ।


ହ୍ରିତିକ


ପ୍ରିୟଙ୍କା

# ଚକୋଲେଟ୍ ପ୍ରିୟ ପ୍ରିୟଙ୍କା

ପ୍ରିୟଙ୍କା ଚୋପ୍ରା କ'ଣ ଖାଇବାକୁ ଭଲ ପାଇଥାଆନ୍ତି ? ଏହି ଲିଷ୍ଟରେ ପିଜା ଏବଂ ଫ୍ରେଞ୍ଚ ଫ୍ରାଇ ରହିଛି, ହେଲେ ଆଉ ଏକ ଜିନିଷକୁ ସବୁବେଳେ ସେ ନିଜ ପାଖରେ ରଖିଥାଆନ୍ତି। ଯୁଆଡେ ଗଲେ ମନେ ପକାଇ ତାହାକୁ ସାଙ୍ଗରେ ନିଅନ୍ତି। ତାହା କ'ଣ ଜାଣନ୍ତି ? ଚକୋଲେଟ୍। ପିଲାଦିନେ ସେ ବହୁତ ଚକୋଲେଟ୍ ଖାଉଥିଲେ। ଆଉ ଏବେ ବି ତାଙ୍କର ସେହି ଅଭ୍ୟାସ ରହିଛି। ପ୍ରିୟଙ୍କାଙ୍କର ଅନେକ ନିକ୍ ନେମ୍ ରହିଛି। 'ପିଗି ଚପସ୍' ନାମରେ ସେ ତ ପରିଚିତା, ତାଙ୍କର ସାଙ୍ଗମାନେ ତାଙ୍କୁ 'ସନସାଇନ୍' 'ମିମି' ବୋଲି ଡାକିଥାଆନ୍ତି। ବଲିଉଡ୍‌ରେ ଏଣ୍ଟ୍ରି କରିବା ପୂର୍ବରୁ ପ୍ରିୟଙ୍କା ଜଣେ ଇଞ୍ଜିନିୟର ହେବାକୁ ଚାହୁଁଥିଲେ। ତା'ପରେ ମନ ବଦଳାଇ କ୍ରିମିନାଲ ସାଇକୋଲୋଜିଷ୍ଟ ହେବାକୁ ଚାହିଁଥିଲେ। କିନ୍ତୁ ମଡେଲିଂରେ ପାଦ ଦେବା ପରେ ସେ ଆକ୍ଟିଂ ପ୍ରତି ଆକର୍ଷିତ ହୋଇଥିଲେ। ପରବର୍ତ୍ତୀ ସମୟରେ ସେ ନିଜକୁ ବଲିଉଡ୍‌ର ଜଣେ ଆଗଧାଡିର ଅଭିନେତ୍ରୀ ଭାବରେ ପରିଚିତ କରାଇପାରିଛନ୍ତି। ପିଲାଦିନେ ସେ କ୍ଲାସିକାଲ ମ୍ୟୁଜିକ ଏବଂ କଥକ ନୃତ୍ୟ ଶିଖିଥିଲେ।

# ଦୀପିକାଙ୍କ ଫିଟ୍‌ନେସ ଟିପ୍ସ

ଦୀପିକା ପାଦୁକୋନ ଏବେ ଗୋଟିଏ କାମରେ ବ୍ୟସ୍ତ ଅଛନ୍ତି। କରୋନା ମହାମାରୀ ପାଇଁ ଯେଉଁ ଲକଡାଉନ୍ ଚାଲିଛି ସେଥିପାଇଁ ଶୁଟିଂ ବନ୍ଦ ଅଛି। ତେଣୁ ଗତ କିଛି ସପ୍ତାହ ଧରି ସେ ନିଜକୁ ଏକ କାମରେ ନିୟୋଜିତ ରଖିଛନ୍ତି। ତାହା କ'ଣ ଜାଣନ୍ତି ? ଟିପ୍ସ ବାଣ୍ଟିବା। କିପରି ନିଜକୁ ଫିଟ୍ ରଖିହେବ ତାହାର ସହଜ ତରିକା ସେ ସାଙ୍ଗମାନଙ୍କୁ କହୁଛନ୍ତି। ଏ ସମ୍ପର୍କରେ ଦୀପିକା କୁହନ୍ତି, 'ଜଣେ କଳାକାର ହେଉ ଅବା ସାଧାରଣ ମଣିଷ-ଫିଟ୍‌ନେସ ବଡ଼କଥା। କାରଣ ଯଦି ନିଜକୁ ସବୁବେଳେ ଫିଟ୍ ରଖିପାରୁ ତେବେ ଆମେ ଅନେକାଂଶରେ ଆରୋଗ୍ୟ ରହିବା। ସେଥିପାଇଁ ପ୍ରତିଦିନ ସକାଳେ ଦୁଇ ଘଣ୍ଟା ମୋର ଜିମ୍‌ରେ ହିଁ କଟେ। ନିଜକୁ ଫିଟ୍ ରଖିବାକୁ ମୋ ସ୍ୱାମୀଙ୍କ ଟିପ୍ସ ମୋତେ ଯଥେଷ୍ଟ ସହାୟକ ହୋଇଛି। ଏହି ଟିପ୍ସଗୁଡ଼ିକୁ ମୁଁ ମୋ ସାଙ୍ଗଙ୍କ ସହ ଶେୟାର କରୁଛି।' ଦୀପିକାଙ୍କ ଅଭିନୀତ ଆଗାମୀ ଫିଲ୍ମ '୮୩' ରିଲିଜ ଅପେକ୍ଷାରେ ରହିଛି। କପିଳ ଦେବଙ୍କ ଜୀବନୀକୁ ନେଇ ନିର୍ମିତ ଏହି ଫିଲ୍ମରେ ସେ କପିଳଙ୍କ ପତ୍ନୀ ରୋମି ଭୂମିକାରେ ଅଭିନୟ କରିଛନ୍ତି। ଅପରପକ୍ଷରେ ଏହାର ମେଲ୍ ଲିଡ୍‌ରେ ଅଛନ୍ତି ରଣବୀର ସିଂ।

# ସ୍ପେଶାଲ ବାର୍ଥ ଡେ'

ନିକଟରେ ଦିଶା ପଟାନି ତାଙ୍କର ବାର୍ଥ ଡେ' ପାଳନ କରିଛନ୍ତି। ଏବେ ତ ଲକ୍‌ଡାଉନ ଚାଲିଛି। ତଥାପି ସେ ଏହାକୁ କେଉଁଠି ସେଲିବ୍ରେଟ୍ କରିଥିଲେ ଜାଣନ୍ତି ? ଟାଇଗର ଶ୍ରଫଙ୍କ ଘରେ। ଦିଶା ଏବଂ ଟାଇଗରଙ୍କ ଆଫେୟାର୍ସକୁ ନେଇ ଚର୍ଚ୍ଚା ଜୋର୍ ଧରିଥିବା କଥା ପ୍ରାୟ ଅନେକେ ଜାଣନ୍ତି। ହେଲେ ତାକୁ ଖାତିର ନ କରି ଦିଶା ସେହିଦିନ ଅପରାହ୍ନରେ ଟାଇଗରଙ୍କ ଘରେ ପହଞ୍ଚିଥିଲେ। ବିଳମ୍ବ ନ କରି କ୍ରିମ୍ ଫ୍ଲୋରାଲ ଡ୍ରେସ୍ ପିନ୍ଧିଥିବା ଦିଶାଙ୍କୁ ଘର ଭିତରକୁ ପାଛୋଟି ନେଇଥିଲେ ଟାଇଗର। ଏହି ସେଲିବ୍ରେସନରେ ଟାଇଗରଙ୍କ ଭଉଣୀ କ୍ରିଷ୍ଣା, ଡାଡି ଜ୍ୟାକି ଶ୍ରଫ, ମମି ଆୟେଶା ମଧ୍ୟ ଯୋଗ ଦେଇଥିଲେ। ଏ ନେଇ ଦିଶା କହନ୍ତି, ଏହି ବାର୍ଥ ଡେ' ମୋ ପାଇଁ ସ୍ପେଶାଲ। କାରଣ ଟାଇଗରଙ୍କ ପରିବାର ସହ ଏହାକୁ ମୁଁ ସେଲିବ୍ରେଟ୍ କରିଛି। ଗୋଟିଏ କଥା, ଏବେ ମୁଁ ନିଜ କ୍ୟାରିୟର ପ୍ରତି ଅଧିକ ଧ୍ୟାନ ଦେଉଛି। ସିନେମାଟିଏ ସାଇନ୍ କରିବା ପୂର୍ବରୁ ଶହେ ଥର ଚିନ୍ତା କରୁଛି। ମୋ ସହ ଟାଇଗରଙ୍କ ନାମକୁ ଯୋଡ଼ି ଅନେକ ଆଲୋଚନା ହେଉଛି, ହେଲେ ତାହାକୁ ମୁଁ ଗୁରୁତ୍ୱ ଦେଉନାହିଁ। କାରଣ ସତ କ'ଣ ତାହା ଆମେ ଜାଣିଛୁ।'


ଦିଶା


ଦୀପିକା

ବ୍ୟାକ୍ ପେଜ୍







# ଇଏ ବି ବାପା

ସମ୍ପର୍କ ଏକ ଅଜବ ଅନୁଭବ। ବେଳେବେଳେ କେବଳ ଗୋଟିଏ ନଜରରେ ହିଁ ଜଣେ ଜଣେ ଲାଗନ୍ତି ଭାରି ଆପଣାର। ଠିକ୍ ଯେମିତି ସଫ୍ଟୱେର ଇଞ୍ଜିନିୟର ଆଦିତ୍ୟ ତିୱାରୀ ଯେବେ ପ୍ରଥମ ଥର ପାଇଁ ୫ ମାସର ଶିଶୁ ଅବନିଶ(ବିନ୍ନି)କୁ ଦେଖିଥିଲେ ତାଙ୍କ ମନ ତା' ପାଇଁ ମମତାରେ ଭରିଯାଇଥିଲା। ସେତେବେଳକୁ ଇନ୍ଦୋରସ୍ଥ ଆଦିତ୍ୟଙ୍କ ବୟସ ଥିଲା ୨୭ ବର୍ଷ। ଥରେ ସେ ଅନାଥାଶ୍ରମ ଯାଇଥିବାବେଳେ ହିଁ ପ୍ରଥମ ଦେଖା ହୋଇଥିଲା ବିନ୍ନି ସହ। ସେ ଅବହେଳିତ ଭାବେ ଗୋଟିଏ ଜାଗାରେ ବସି ରହିଥିଲା। କେହି ତା'ର ଯତ୍ନ ନେଉ ନ ଥିଲେ। ଏହା ଦେଖି ତାଙ୍କୁ କଷ୍ଟ ହୋଇଥିଲା। ଆଉ ସେ ତାକୁ କୋଳେଇ ନେଇଥିଲେ। କୁନି ଶିଶୁଟି ଆଦିତ୍ୟଙ୍କୁ ଦେଖି ହସି ଦେଇଥିଲା। ଆଉ ତା'ପରଠାରୁ ଆଦିତ୍ୟ ଓ ବିନ୍ନି ସମ୍ପର୍କର ସୂତାରେ ବାନ୍ଧି ହୋଇଯାଇଥିଲେ। ସେଠି ସେ ବିନ୍ନି ବିଷୟରେ ପଚାରିଥିଲେ। ଆଉ ତାଙ୍କୁ କୁହାଗଲା ପିଲାଟି ପାଗଳ ବା ଡାଉନ୍ ସିଣ୍ଡ୍ରୋମ୍ର ଅଟେ। ଏଠି ସବୁ ଛୁଆଙ୍କୁ ପୋଷ୍ୟ ଭାବେ ନେଇ ହେବ। କେବଳ ଏଇ ପିଲା ନୁହେଁ। ତାକୁ ବି କେହି ପୋଷ୍ୟଭାବେ ନେବାକୁ ରାଜି ନୁହନ୍ତି। କିନ୍ତୁ ଆଦିତ୍ୟ କହିଲେ ମୁଁ ୟାକୁ ହିଁ ପୋଷ୍ୟଭାବେ ଗ୍ରହଣ କରିବାକୁ ଚାହେଁ। ତାଙ୍କ କଥାରେ ସମସ୍ତେ ହସିଥିଲେ। ପ୍ରଥମତଃ ପିଲାଟି ପାଗଳ ଓ ଦ୍ୱିତୀୟରେ ଆଦିତ୍ୟ ଅବିବାହିତ ଓ ୩୦ ବର୍ଷ ବୟସରୁ କମ୍। ତେଣୁ ପୋଷ୍ୟଭାବେ ଦେବାକୁ ମନା କରାଯାଇଥିଲା। କିନ୍ତୁ ସେ ତାକୁ ଦେଖା କରିବାକୁ ଯାଉଥିଲେ। ପରେ ବିନ୍ନିକୁ ଭୋପାଳର ଅନାଥାଶ୍ରମକୁ ପଠାଇ ଦିଆଯାଇଥିଲା। ତଥାପି ଆଦିତ୍ୟ ସେଠାକୁ ତାକୁ ଦେଖା କରିବାକୁ ଯାଉଥିଲେ। ତା'ର ମେଡିକାଲ ଖର୍ଚ୍ଚ ବି ବହନ କରୁଥିଲେ। କିନ୍ତୁ ୨୦୧୫, ମାର୍ଚ୍ଚ୨୮ରେ ବିନ୍ନି ରହୁଥିବା ସେହି ଭୋପାଳ ମିଶନାରୀଜ ଅଫ୍ ଚାରିଟିରେ ତାଙ୍କୁ ଦେଖା କରିବାକୁ ଦିଆଗଲା ନାହିଁ। ଆଉ କୁହାଗଲା କେବେବି ତାକୁ ଦେଖା କରିବାକୁ ଆସିବ ନାହିଁ। ବିନ୍ନିକୁ ଦିଲ୍ଲୀ ପଠେଇ ଦିଆଯାଇଛି ବିଦେଶୀ ପୋଷ୍ୟ ପାଇଁ। ସେ ମିଶନାରୀର ମୁଖ୍ୟ କାର୍ଯ୍ୟାଳୟ କୋଲକାତାକୁ ଫୋନ୍ କରିବାରୁ ଜାଣିଲେ ଯେ, ବିନ୍ନି ବୋଲି କୌଣସି ପିଲା ତାଙ୍କ ମିଶନାରୀରେ ନାହିଁ କିମ୍ବା ତାକୁ କୌଣସି ସ୍ଥାନକୁ ପଠାଯାଇ ନାହିଁ। ଆଦିତ୍ୟଙ୍କୁ ଶିଶୁ ତସ୍କରୀ, ଅଙ୍ଗ ତସ୍କରୀର ସନ୍ଦେହ ହେଲା। ତେଣୁ ଥାନାରେ ଅଭିଯୋଗ କଲେ। ଏଥିପାଇଁ ତାଙ୍କୁ ଅନେକ ଧମକ୍‌ଭରା ଫୋନ୍ ବି ଆସିଲା। ତଥାପି ସେ ଡରି ନ ଥିଲେ। ସଂଘର୍ଷ ଜାରି ରହିଲା। ସେ ମିନିଷ୍ଟ୍ରି ଅଫ୍ ଓମେନ୍ ଆଣ୍ଡ ଚାଇଲ୍ଡ ୱେଲଫେୟାର୍ ଡିପାର୍ଟମେଣ୍ଟକୁ ଯୋଗାଯୋଗ କଲେ। ମାନେକା ଗାନ୍ଧୀଙ୍କୁ ଶହ ଶହ ମେଲ୍ କଲେ। ପ୍ରଧାନମନ୍ତ୍ରୀଙ୍କ ଅଫିସ୍, ହ୍ୟୁମାନ ରାଇଟ୍ସ ଆକ୍ଟିଭିଷ୍ଟଙ୍କୁ ପୋଷ୍ୟ ସନ୍ତାନ ଗ୍ରହଣ କରିବାର ବୟସ କମାଇବାକୁ ଅନୁରୋଧ କଲେ। ତା'ର ପ୍ରକୃତ ମା'ବାପାଙ୍କୁ ବି ଦେଖା କଲେ। ଶେଷରେ ଅଗଷ୍ଟ ୨୦୧୫ରେ ସିଙ୍ଗଲ ମ୍ୟାନଙ୍କ ପୋଷ୍ୟ ଆଇନରେ ପରିବର୍ତ୍ତନ ହେଲା। ଆଉ ପୋଷ୍ୟ ଗ୍ରହଣ କରିବାର ବୟସ ୨୫ ବର୍ଷକୁ କମାଗଲା। ଦେଢ଼ ବର୍ଷର ସଂଘର୍ଷ ପରେ ଡିସେମ୍ବର ୨୦୧୫ରେ ତାଙ୍କୁ ଏକ ମେଲ୍ ଆସିଲା ଯେ, ସେ ବିନ୍ନିକୁ ଜାନୁୟାରୀ ପ୍ରଥମ ସପ୍ତାହ ଭିତରେ ପୋଷ୍ୟ ଭାବେ ଗ୍ରହଣକରି ଘରକୁ ନେଇଯାଇପାରିବେ। ଶେଷରେ ୨୦୧୬ ଜାନୁୟାରୀ ୧ ତାରିଖରେ ଆଇନତଃ ବିନ୍ନିକୁ ଆଦିତ୍ୟ ପୋଷ୍ୟଭାବେ ଗ୍ରହଣ କଲେ। ଏବେ ସେ ବିନ୍ନିର ମା' ଓ ବାପା ଉଭୟ ସାଜି ସ୍ନେହ ମମତା ଦେଇ ଲାଳନପାଳନ କରୁଛନ୍ତି।

## କାର୍ଟୁନ କର୍ନର

